**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୯୫,୦୦,୦୮୭ | ୨୧,୩୩,୮୨୫ | ୭,୧୫,୨୫,୮୫୨ |
| ଭାରତ | ୧,୦୬,୭୧,୯୪୩ | ୧,୫୩,୪୭୦ | ୧,୦୩,୨୨,୯୫୧ |
| ଓଡ଼ିଶା | ୩,୩୪,୩୦୦ | ୧୯୦୫(+୫୩) | ୩,୩୧,୧୪୪ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ମିଶ୍ରଙ୍କ ଦେହାନ୍ତ

**ବୋଲଗଡ/ବେଗୁନିଆ, ୨୪।୧ (ଡି.ଏନ୍.ଏ.):** ବୋଲଗଡ଼-ବେଗୁନିଆର ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ମିଶ୍ରଙ୍କର ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉଭୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ସେ କିଛି ଦିନ ଧରି ଅସୁସ୍ଥ ହୋଇଥିଲେ। ରବିବାର ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ହସ୍ପିଟାଲ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ସ୍ୱର୍ଗତ ମିଶ୍ରଙ୍କର ମରଶରୀରକୁ ଖଣ୍ଡଗିରିସ୍ଥିତ ଧର୍ମବିହାର ଅଞ୍ଚଳର ବାସଭବନରେ ରଖାଯାଇଛି। ତାଙ୍କ ମୃତଦେହ ନିକଟରେ ସ୍ତ୍ରୀ ଶାନ୍ତିଲତା ମିଶ୍ର ଥିବାବେଳେ ପରେ ଖବର ପାଇ ପୁତ୍ର ସୁଧିରଞ୍ଜନ ମିଶ୍ର ଓ ୨ ଝିଅ ଜ୍ୱାଇଁ ଏବଂ ୨ଭାଇ ପହଞ୍ଚିଥିଲେ। ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ଶେଷଦର୍ଶନ ପାଇଁ ପ୍ରମୁଖ ବ୍ୟକ୍ତି ବିଶେଷମାନେ ଖଣ୍ଡଗିରିସ୍ଥିତ ବାସଭବନକୁ ପହଞ୍ଚୁଛନ୍ତି । ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର ୧୯୯୦ଠାରୁ ୯୫ ପର୍ଯ୍ୟନ୍ତ ଜନତା ଦଳର ବିଧାୟକ ଥିଲେ।



### ଚଳଚ୍ଚିତ୍ର ଅଭିନେତା ଶାନ୍ତିସ୍ୱରୂପଙ୍କ ପରଲୋକ

**ସମ୍ବଲପୁର, ୨୪।୧ (ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶାନ୍ତିସ୍ୱରୂପ ମିଶ୍ର (ଟିକୁ)ଙ୍କ ରବିବାର ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହେଉଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ ସଂଯୁକ୍ତା, ଝିଅ ମଧୁଛନ୍ଦା, ପୁଅ ରୋହିତ ଓ ବୋହୁ ଉପସ୍ଥିତ ଥିଲେ। ସେ ଓଡିଆ ଚଳଚ୍ଚିତ୍ର ମନଆକାଶ, ବନ୍ଧୁ ମହାନ୍ତି ଓ କୃଷ୍ଣ ସୁଦାମରେ ଅଭିନୟ କରିଥିଲେ। ସେ ଝାଡୁଆପଡାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସମ୍ବଲପୁରରେ ଶୋକର ଛାୟା ଖେଳିଯାଇଛି। ଚଳଚ୍ଚିତ୍ର ଅଭିନେତା, ମଞ୍ଚ କଳାକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକାର, ସଂଗୀତଜ୍ଞମାନେ ଶୋକପ୍ରକାଶ କରିଛନ୍ତି।



# ତଦନ୍ତ ନିର୍ଦ୍ଦେଶ ଦେଲେ ଭିନ୍ନକ୍ଷମ କମିଶନ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

**ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା**
- ଭାଇରାଲ ଭିଡିଓକୁ ନେଇ ତନାଘନା, ମାମଲା ରୁଜୁ
- ଅଭିଯୋଗ ପରେ ଚୁପ୍ ବସିଛି ଏୟାରପୋର୍ଟ ପୋଲିସ

ରାଜଧାନୀର ଏକ ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ମହିଳା ଓ ଯୁବତୀଙ୍କୁ ଯୌନ ଶୋଷଣ କରାଯାଉଥିବା ନେଇ ଭିଡିଓ ଭାଇରାଲ ପରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ଭିନ୍ନକ୍ଷମ କମିଶନ। ଏଥିସହ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ କହିଛନ୍ତି। ସୋମବାର ଉକ୍ତ ତାଲିମ କେନ୍ଦ୍ରକୁ ଯାଇ ଭାଇରାଲ ଭିଡିଓର ତର୍ଜମା କରାଯିବା ସହ ଅଭିଯୋଗକାରୀଙ୍କ ବୟାନ ରେକର୍ଡ ହେବ। ଏହାର ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ପୂର୍ବରୁ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୁପ୍ ବସିଥିବାରୁ ନିର୍ଯାତନାରେ ଅତିଷ୍ଠ ହୋଇ ପୀଡିତାମାନେ ଏଭଳି ଭିଡିଓ ଭାଇରାଲ୍ କରିଥିବା କୁହାଯାଉଛି। ପଳାଶପଲ୍ଲୀ ଅଞ୍ଚଳରେ ଥିବା ନିଖିଳ ଉତ୍କଳ ଶାରିରିକ ଭିନ୍ନକ୍ଷମ ତାଲିମକେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ବେହେରାଙ୍କ ବିରୋଧରେ ଥାନା ଓ ଭିଡିଓରେ ଏଭଳି ସଙ୍ଗୀନ ଅଭିଯୋଗ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଏହି ସଂସ୍ଥାରେ ଭିନ୍ନକ୍ଷମ ଯୁବକ ଯୁବତୀମାନେ କମ୍ପ୍ୟୁଟର, ସିଲେଇ ଏବଂ ବିୟୁଟି ପାର୍ଲର ଆଦି ତାଲିମ ନେଉଛନ୍ତି। ସଂସ୍ଥାର ମୁଖ୍ୟ ସରକାରୀ ଅର୍ଥ ହଡ଼ପ କରିବା ସହ କାର୍ଯ୍ୟ ତଦାରଖ କରିବାକୁ ଆସୁଥିବା ବାବୁଙ୍କୁ ଖୁସି କରିବାକୁ କଲ୍‌ଗାର୍ଲ ଯୋଗାଇ ଦେଉଛନ୍ତି। କଲ୍‌ଗାର୍ଲ ନ ମିଳିଲେ ଟ୍ରେନିଂ ନେଉଥିବା କିମ୍ବା ଅଫିସ୍‌ରେ କାର୍ଯ୍ୟରତ ଯୁବତୀଙ୍କୁ ରାତି କାଟିବାକୁ ବାଧ କରାଯାଉଛି। ଭିଡିଓରେ ଜଣେ ଯୁବତୀଙ୍କ ସହ ସଂସ୍ଥାର ମୁଖ୍ୟ ସୁରେଶ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କର ଏ ସଂକ୍ରାନ୍ତ ବାର୍ତ୍ତାଳାପ ରହିଛି। ପରେ ଯୁବତୀଙ୍କୁ ଏକ କୋଠରିରେ ଛାଡ଼ିବା ପରେ ବାହାର ପଟୁ ତାଲା ପକାଯାଉଛି। ଏଥିସହିତ ଭିଡିଓରେ କିଛି ଅଶ୍ଳୀଳ କଥାବାର୍ତ୍ତା ସହ ଇଙ୍ଗିତ ମଧ୍ୟ ରହିଛି। ଗତ ନଭେମ୍ବର ୨୩ରେ ଉକ୍ତ ସଂସ୍ଥାରେ କାମ କରୁଥିବା ଜଣେ ଯୁବତୀ ଯୌନ ଶୋଷଣ ନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ସଂସ୍ଥାରେ ବିୟୁଟିପାର୍ଲର ଇନ୍‌ଷ୍ଟ୍ରକ୍ଟର ପଦ ଖାଲି ଅଛି କହି ସୁରେଶ ତାଙ୍କୁ ମାସିକ ୭ହଜାର ୨ଶହ ଟଙ୍କାରେ ଚାକିରିରେ ରଖିଥିଲେ। ହେଲେ ଦରମା ନ ଦେଇ ସମୟ ଗଡ଼ାଇଥିଲେ। କରୋନା ସମୟରେ ତାଙ୍କୁ ମାଗଣାରେ ଅଫିସରେ ରହିବାକୁ ଦିଆଯାଇଥିଲା। ସେତେବେଳେ ସୁରେଶ ତାଙ୍କୁ ରାତିରେ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ ମଧ୍ୟ କରିଥିଲେ। ଏହାପରଠୁ ଯୁବତୀ ଜଣକ ସାମନ୍ତରାପୁର ଅଞ୍ଚଳରେ ରହିଥିଲେ। ସେଠାରେ ମଧ୍ୟ ସୁରେଶ ତାଙ୍କ ବନ୍ଧୁଙ୍କ ସହ ପହଞ୍ଚି ଦୁର୍ବ୍ୟବହାର କରି ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏନେଇ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ତଦନ୍ତ ଚାଲିଛି। ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ସ୍ୱାଭିମାନ ଅଞ୍ଚଳରୁ ମାଓବାଦୀ ସାମଗ୍ରୀ ଜବତ

**ଚିତ୍ରକୋଣ୍ଡା, ୨୪।୧ (ଡି.ଏନ୍.ଏ.)**




ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଅଞ୍ଚଳ ରୂପେ ପରିଚିତ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳର ମାଟିଖାଲ ଜଙ୍ଗଲରୁ ବିଏସ୍‌ଏଫ୍ ଯବାନମାନେ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ରବିବାର ଜବତ କରିଛନ୍ତି। ପଣସପୁଟ ପଞ୍ଚାୟତର ଗୋରାସେତୁ ନିକଟରେ ଥିବା ଏହି ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଯବାନମାନେ ଏହିସବୁ ସାମଗ୍ରୀ ଠାବ କରିଥିଲେ। 'ସେଗୁଡିକ ମଧ୍ୟରେ ମଲ୍ଟିମିଟର୍, ତାର, ପଲିଥିନ, ସୋଲ୍ଡରିଂ ମେଶିନ, ଓ୍ୱାୟାର କଟର, ଟ୍ରାଞ୍ଜିଷ୍ଟର, ବ୍ୟାଟେରି ଆଦି ସାମଗ୍ରୀ ରହିଛି। ଉକ୍ତ ସାମଗ୍ରୀଗୁଡିକ ବୋମା ତିଆରିରେ ବ୍ୟବହାର କରାଯାଏ। ଏକ ବଡ ଧରଣର ଅଘଟଣ ଘଟାଇବାକୁ ମାଓବାଦୀମାନେ ଯୋଜନା କରି ଏହିସବୁ ସାମଗ୍ରୀ ଜଙ୍ଗଲରେ ଲୁଚାଇ ରଖିଥିବା ପୋଲିସ ଅନୁମାନ କରୁଛି।



୨୦୨୦ ରଥଯାତ୍ରା ଆୟୋଜନକୁ ଅନୁମତି ଦେବା ପାଇଁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରି ନୟାଗଡ଼ର ଛାତ୍ର ଆଫ୍‌ତାବ୍ ହୋସେନ୍ ଚର୍ଚ୍ଚାକୁ ଆସିଥିଲେ। ରବିବାର ପୁରୀ ଭକ୍ତ ସାଲବେଗ ପୀଠରେ ଆଫ୍‌ତାବଙ୍କୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**

**ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପରିସର ମଧ୍ୟରେ ଭୋଜନାଳୟର ସୁବିଧା ଯୋଗାଇ ଦେବା ନିମନ୍ତେ କ୍ୟାଟରିଂ ସଂସ୍ଥା ପାଇଁ ଟେଣ୍ଡର ସୂଚନା ।**

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ନିମନ୍ତେ ସୁପ୍ରତିଷ୍ଠିତ ଏବଂ ଖ୍ୟାତିସମ୍ପନ୍ନ (କ୍ୟାଣ୍ଟିନ ପରିଚାଳନାରେ ଯଥେଷ୍ଟ ଅଭିଜ୍ଞତା ଥିବା) କ୍ୟାଟରିଂ ସଂସ୍ଥା ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ପରିସର ମଧ୍ୟରେ ଷ୍ଟାଫ ସଦସ୍ୟ ମାନଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦେବାପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି । ସଂପୂର୍ଣ୍ଣ ଭାବରେ ଲିଖିତ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 18, 2021 (ଅପରାହ୍ନ 2.00 ଟା) ।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ www.rbi.org.in ର 'ଟେଣ୍ଡର ବିଭାଗ' ରେ ଲଗ ଇନ୍ କରନ୍ତୁ ।

କ୍ଷେତ୍ରୀୟ ନିର୍ଦ୍ଦେଶକ

# କିଏ କେଉଁଠି ପତାକା ଉତ୍ତୋଳନ କରିବେ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

**ସାଧାରଣତନ୍ତ୍ର ଦିବସ**

ଚଳିତବର୍ଷ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଜିଲାସ୍ତରୀୟ ଉତ୍ସବରେ କେଉଁ ମନ୍ତ୍ରୀ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ତାଲିକା ପ୍ରକାଶ ପାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୁରୀ, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଅନୁଗୋଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କଳାହାଣ୍ଡି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଞ୍ଜାମ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ବାଲେଶ୍ୱର, କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ରାୟଗଡ଼ା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କନ୍ଧମାଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୟୂରଭଞ୍ଜ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବରଗଡ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ସମ୍ବଲପୁର, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ନୟାଗଡ଼, ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେନ୍ଦୁଝର, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯାଜପୁର, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବଲାଙ୍ଗୀର, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୁନ୍ଦରଗଡ଼, ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାଏକ କୋରାପୁଟ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ନବରଙ୍ଗପୁର, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଗଜପତି ଓ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ମାଲକାନଗିରି ଜିଲାସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରିବେ। ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ଜଗତ୍‌ସିଂହପୁର ଜିଲାସ୍ତରୀୟ ଉତ୍ସବରେ ସ୍ଥାନୀୟ ଜିଲାପାଳଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବ।

## ୩ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

୨ ଓଡ଼ିଶା କ୍ୟାଡର ଏବଂ ଜଣେ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ନୂଆ ଦାୟିତ୍ୱ ମିଳିଛି। ପୂର୍ବରୁ ଓଡ଼ିଶାର ବିଭିନ୍ନ ବିଭାଗରେ ସଚିବଭାବେ ଦାୟିତ୍ୱ ତୁଲାଉଥିବା ଉକ୍ତ ୩ ଅଧିକାରୀ ଏବେ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ଏହି ସମସ୍ତ ଅଫିସରଙ୍କୁ କେନ୍ଦ୍ରରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୧୯୮୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇଏଏସ୍ ଉପେନ୍ଦ୍ର ସିଂଙ୍କୁ କେନ୍ଦ୍ର ବୟନ ସଚିବଭାବେ ଦାୟିତ୍ୱ ମିଳିଛି। ୧୯୮୮ ବ୍ୟାଚ୍ ଗୁଜରାଟ କ୍ୟାଡର ଅଧିକାରୀ ବିଦ୍ୟୁତ୍ ବିହାରୀ ସ୍ୱାଇଁ ଏମ୍‌ଏସ୍‌ଏମ୍‌ଇ ସଚିବ ହୋଇଥିବାବେଳେ ଜି.ଭି.ଭି. ଶର୍ମା ନ୍ୟାଶନାଲ ଅଥରିଟି କେମିକାଲ ୱେପନ କନ୍‌ଭେନ୍‌ଶନର ଅଧ୍ୟକ୍ଷ ହୋଇଛନ୍ତି।

ଫର୍ମ ବି
**ସର୍ବସାଧାରଣ ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୧୨ ଅଧୀନରେ)
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ହିତଗ୍ରାହୀମାନଙ୍କ ଧ୍ୟାନାର୍ଥେ**

| କ୍ର.ସଂ. | ସବିଶେଷ ବିବରଣୀ | ବର୍ଣ୍ଣନା |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୬ ଜୁନ୍ ୨୦୦୧ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – ହାଇଦ୍ରାବାଦ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୭ଟିଜି୨୦୦୧ପିଟିସି୦୩୬୮୪୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଓ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ)ର ଠିକଣା | ୪, ପ୍ଲଟ୍ ନଂ.୪୮୪, ଜୁବିଲି ହିଲ୍ସ, ରୋଡ୍ ନଂ.୩୬, ହାଇଦ୍ରାବାଦ, ତେଲେଙ୍ଗାନା–୫୦୦୦୩୩ |
| ୬. | ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ସମାପ୍ତି ତାରିଖ | ୧୬ ଡିସେମ୍ବର ୨୦୨୦ |
| ୭. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ୨୦ ଜାନୁୟାରୀ ୨୦୨୧ (୨୦ ଜାନୁୟାରୀ ୨୦୨୧ରେ ପ୍ରାପ୍ତ ୧୭ ଡିସେମ୍ବର ୨୦୨୦ର ଆଦେଶ) |
| ୮. | ପରିସମାପକ ଭାବେ କାର୍ଯ୍ୟ କରୁଥିବା ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଶ୍ରୀ ଆର୍.ପି. ଟକ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ–୦୦୧/ଆଇପି–ପି୦୦୫୨୬/୨୦୧୭–୧୮/୧୦୯୫୧ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ପରିସମାପକଙ୍କ ଠିକଣା ଓ ଇ-ମେଲ୍ | ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲୀ ରୋଡ୍, ଦିଲ୍ଲୀ–୧୧୦୦୦୨ ଇ-ମେଲ୍ ଆଇଡି: rptak@kgsomani.com |
| ୧୦. | ପରିସମାପକଙ୍କ ସହିତ ପତ୍ରଯୋଗାଯୋଗ ପାଇଁ ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇ–ମେଲ୍ | ମେସର୍ସ କେ.ଜି. ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ ଲିମିଟେଡ୍ – ୩/୧୫, ୪ର୍ଥ ମହଲା, ଅସଫ ଅଲୀ ରୋଡ୍, ଦିଲ୍ଲୀ–୧୧୦୦୦୨ ଇ-ମେଲ୍ ଆଇଡି: kvknilachalkgs2019@gmail.com Rptak@kgsomani.com, ମୋ.: ୯୩୧୩୧୦୨୫୫୨ |
| ୧୧. | ଦାବି ଦାଖଲର ଶେଷ ତାରିଖ | ୧୯ ଫେବ୍ରୁୟାରୀ ୨୦୨୧ |

ଏତଦ୍ବାରା ନୋଟିସ ପ୍ରଦାନ କରାଯାଉଛି ଯେ ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, ହାଇଦ୍ରାବାଦ ଖଣ୍ଡପୀଠ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ପରିସମାପକ ଆରମ୍ଭ କରିବା ଲାଗି ୧୭ ଡିସେମ୍ବର ୨୦୨୦ (ଆଦେଶ ୨୦ ଜାନୁୟାରୀ ୨୦୨୧ରେ ପ୍ରାପ୍ତ ହୋଇଥିଲା) ଦିନ ଆଦେଶ ଦେଇଛନ୍ତି ।
ଏତଦ୍ବାରା କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ହିତଗ୍ରାହୀମାନଙ୍କୁ ଉପରୋକ୍ତ ସାମଗ୍ରୀ ନଂ.୧୦ରେ ପ୍ରଦତ୍ତ ଠିକଣାରେ ପରିସମାପକଙ୍କ ନିକଟରେ ୧୯ ଫେବୃୟାରୀ ୨୦୨୧ କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ ଦାଖଲ କରିବା ଲାଗି ଆହ୍ୱାନ କରାଯାଉଛି ।
ଆର୍ଥିକ ଋଣଦାତାମାନେ ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ କେବଳ ବୈଦ୍ୟୁତିକ ମାଧ୍ୟମ ଦ୍ୱାରା ଦାଖଲ କରିପାରିବେ । ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବେ, ଡାକଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମ ଜରିଆରେ ସେମାନଙ୍କର ଦାବି ଦାଖଲ କରିପାରନ୍ତି ।
ମିଥ୍ୟା କିମ୍ବା ଭ୍ରମାତ୍ମକ ଦାବି ପ୍ରମାଣର ଦାଖଲ ଜରିମାନା ଆକର୍ଷିତ କରିବ । ସ୍ୱା./-
ତାରିଖ: ୨୫।୦୧।୨୦୨୧ ରାଜେନ୍ଦ୍ର ପ୍ରସାଦ ଟକ
ସ୍ଥାନ: ନୂଆଦିଲ୍ଲୀ ପଞ୍ଜୀକରଣ ସଂ.: ଆଇବିବିଆଇ/ଆଇପିଏ–୦୦୧/ଆଇପି–ପି୦୦୫୨୬/୨୦୧୭–୧୮/୧୦୯୫୧

# ଆହୁରି ସହଜ ହେବ ଦର୍ଶନ

**ପୁରୀ ଅଫିସ, ୨୪।୧**

- ମାର୍କେଟ ଛକରୁ ଘୁଞ୍ଚାଗଲା ବ୍ୟାରିକେଡ୍
- ସାନିଟାଇଜ୍ ହେଲା ଶ୍ରୀମନ୍ଦିର ପରିସର

ପୁରୀ ଜିଲା ପୋଲିସ ପ୍ରଶାସନ ରବିବାର ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରିଛି। ମାର୍କେଟ ଛକଠାରେ ଥିବା ବ୍ୟାରିକେଡ୍‌କୁ ଉଚ୍ଛେଦ କରି ମରିଚିକୋଟ ଛକ ପର୍ଯ୍ୟନ୍ତ ଆଣିଛି। ପୂର୍ବରୁ ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥ ବଲ୍ଲଭ ସାମ୍ନା ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସୁଥିଲେ। ସୋମବାରଠାରୁ ଶ୍ରଦ୍ଧାଳୁମାନେ ମରିଚିକୋଟ୍ ବ୍ୟାରିକେଡ୍‌ରେ ପ୍ରବେଶ କରି ଶ୍ରୀମନ୍ଦିରକୁ ଯିବେ। ଦର୍ଶନାର୍ଥୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଶନିବାର ପ୍ରବଳ ଭିଡ଼ ହୋଇଥିଲା। ଫଳରେ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ହୋଇପଡ଼ିଥିଲା। ତେଣୁ ଏସ୍‌ପି କନୱର ବିଶାଲ ସିଂ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ରବିବାର ଏଭଳି ପଦକ୍ଷେପ ନେଇଛନ୍ତି। ଏଣିକି ଦର୍ଶନାର୍ଥୀମାନେ ମାର୍କେଟ ଛକରେ ଗାଡ଼ି ରଖିବା ପରେ ମରିଚିକୋଟ୍ ପର୍ଯ୍ୟନ୍ତ ଚାଲିଚାଲି ଯାଇ ବ୍ୟାରିକେଡ୍ ମଧ୍ୟରେ ପ୍ରବେଶ କରିବେ। ବ୍ୟାରିକେଡ୍ ହଟିବା ପରେ ମରିଚିକୋଟ୍ ଯାଏ ରାସ୍ତା ପ୍ରଶସ୍ତ ହୋଇଥିବାରୁ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆସିବ। ଅନ୍ୟପକ୍ଷରେ ପୂର୍ବ ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ ରବିବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିବାବେଳେ ଶ୍ରୀମନ୍ଦିର ଭିତର ଓ ବାହାର ପରିସରକୁ ବିଶୋଧନ କରାଯାଇଛି। ଏହି କାର୍ଯ୍ୟରେ ପୁରୀ ଅଗ୍ନିଶମ କେନ୍ଦ୍ରର ୧୦ରୁ ଅଧିକ କର୍ମଚାରୀ ନିୟୋଜିତ ଥିଲେ। ମୁଖ୍ୟତଃ ବ୍ୟାରିକେଡ୍, ଭକ୍ତଙ୍କ ପାଦଚଲା ରାସ୍ତା, ଶ୍ରୀମନ୍ଦିର ଚାରିଦ୍ୱାର, ବାଇଶିପାହାଚ, ସ୍ନାନମଣ୍ଡପ ଏବଂ କଣ୍ଟେନର ପ୍ରଭୃତିକୁ ବିଶୋଧନ କରାଯାଇଛି। ସୋମବାରଠାରୁ ପୁଣି ସ୍ୱାଭାବିକ ଦର୍ଶନ ଆରମ୍ଭ ହେବ। ଏସ୍‌ଓପି ଅନୁଯାୟୀ ପ୍ରତି ରବିବାର ଦର୍ଶନ ବନ୍ଦ ରଖାଯାଇ ମନ୍ଦିର ପରିସରକୁ ସାନିଟାଇଜ କରାଯିବ।



ଶ୍ରୀମନ୍ଦିର ସମ୍ମୁଖ ସ୍ଥାନକୁ ବିଶୋଧନ କରାଯାଉଛି।

## ପୁରୀ ଷ୍ଟେଶନରୁ ଜାମସେଦପୁର ଯୁବକ ଉଦ୍ଧାର

**ପୁରୀ ଅଫିସ, ୨୪।୧:** ପୁରୀ ରେଳ ସୁରକ୍ଷା ବାହିନୀ ରବିବାର ଅପରାହ୍ନ ୫ଟାରେ ପାଟ୍ରୋଲିଂ କରୁଥିବା ବେଳେ ଜାମସେଦପୁରର ଜଣେ ଯୁବକ (୨୭)ଙ୍କୁ ଉଦ୍ଧାର କରିଛି। ତାଙ୍କୁ ରେଳ ସୁରକ୍ଷା ବାହିନୀ କର୍ମଚାରୀମାନେ ପଚରାଉଚରା କରିବାରୁ ସେ କାନ୍ଦିବାକୁ ଲାଗିଥିଲେ। ତାଙ୍କୁ ପାଣି ଓ ଖାଦ୍ୟ ଦିଆଯିବା ପରେ ମଧ୍ୟ ସେ ନିଜ ସମ୍ପର୍କିତ କୌଣସି ସୂଚନା ନ ଦେଇ ବିକୃତ ମସ୍ତିଷ୍କଙ୍କ ଭଳି ବ୍ୟବହାର କରିଥିଲେ। ଆର୍‌ପିଏଫ୍ ବାଧ ହୋଇ ତାଙ୍କ ବ୍ୟାଗରେ ଖୋଜିବାରୁ ଏକ ମନିପର୍ସ ମିଳିଥିଲା। ମନିପର୍ସରୁ ତାଙ୍କ ଭାଇଙ୍କ ଫୋନ ନମ୍ବର ଓ ଯୁବକଙ୍କ ସମ୍ବନ୍ଧିତ ତଥ୍ୟ ମିଳିଥିଲା। ଏହାପରେ ତାଙ୍କ ପରିବାର ସହ ଯୋଗାଯୋଗ କରି ପୁରୀ ଡକାଯାଇଥିଲା। ପରିବାର ଲୋକେ ଆସି ଯୁବକଙ୍କୁ ଚିହ୍ନଟ କରି ନେଇଯାଇଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ୨୦ ତାରିଖରେ ସେ ଘରୁ ପରୀକ୍ଷା ଦେବା ପାଇଁ ବସ୍ ଯୋଗେ କଟକ ଆସିଥଲେ। ୨୧ ତାରିଖରେ ତାଙ୍କର ପରୀକ୍ଷା ଥିଲା। ମାତ୍ର ପରେ ସେ ଘରକୁ ଫେରି ନ ଥିଲେ।

## ଭୁବନେଶ୍ୱରରୁ ପୁଣେ ସିଧାସଳଖ ଉଡ଼ିଲା ବିମାନ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

ଭୁବନେଶ୍ୱରରୁ ପୁଣେକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି। ରବିବାର ଯୋଜନା ଓ ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଏୟାର ଏସିଆ ଏହି ସେବା ପ୍ରଦାନ କରୁଥିବାବେଳେ ପ୍ରଥମ ଦିନରେ ୧୫-୯୧୧ ନମ୍ବର ବିଶିଷ୍ଟ ବିମାନରେ ଭୁବନେଶ୍ୱରରୁ ୧୨୦ଜଣ ପୁଣେ ଯାତ୍ରା କରିଛନ୍ତି। ବିମାନଟି ଭୁବନେଶ୍ୱର ବିମାନବନ୍ଦରରୁ ଅପରାହ୍ନ ୧ଟା ୫୦ରେ ଉଡ଼ାଣ କରି ପୁଣେଠାରେ ଅପରାହ୍ନ ୩ଟା ୫୫ରେ ପହଞ୍ଚିବ। ସେହିପରି ପୁଣେରୁ ଅପରାହ୍ନ ୪ଟା ୩୫ରେ ଉଡ଼ାଣ ଭରି ଭୁବନେଶ୍ୱରରେ ସନ୍ଧ୍ୟା ୬ଟା ୪୦ରେ ଅବତରଣ କରିବ। ଶନିବାର ବ୍ୟତୀତ ସପ୍ତାହରେ ଅନ୍ୟ ୬ ଦିନ ଏହି ବିମାନସେବା ଉପଲବ୍ଧ ରହିବ।

ଏହି ନୂତନ ବିମାନ ସେବାର ଶୁଭାରମ୍ଭ କରି ମନ୍ତ୍ରୀ କହିଲେ, ଏହା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବ। ଏଥିସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଦୁଇ ସହରର ବିମାନ ଯାତ୍ରା ଆଶାୟୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ଏୟାର ଏସିଆ (ଇଣ୍ଡିଆ) ଲିଃର ବାଣିଜ୍ୟିକ ମୁଖ୍ୟ ଅଙ୍କୁର ଗର୍ଗ, ଗ୍ରାଉଣ୍ଡ ଅପରେଶନ ମୁଖ୍ୟ ସଲିମ୍ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

**ସର୍ବସାଧାରଣ ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଟି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ **ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com** ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ–୦୦୧/ଆଇପି–ପି୦୧୨୦୫/୨୦୧୮–୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଯୋଗାଯୋଗ ଇମେଲ୍ ଠିକଣା: inmtpclip@deloitte.com** |
| ୮ | ଇ–ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ଫେବୃୟାରୀ ୧୫, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ଫେବୃୟାରୀ ୧୫, ୨୦୨୧ @ ଅ. ୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଫେବୃୟାରୀ ୧୩, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ–ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ–ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ **ଆଇଏନ୍‌ଆର୍ ୫୪ କୋଟି** ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ **ଆଇଏନ୍‌ଆର୍ ୫୦ ଲକ୍ଷର** ଅମାନତ ରାଶି ଜମା (''ଇଏମ୍‌ଡି'') ଦାଖଲ କରିବାକୁ ହେବ । |

**ଦ୍ରଷ୍ଟବ୍ୟ:** ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.mtpcl.inରେ ଅଧିସୂଚିତ ହେବ।

ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ଜାନୁୟାରୀ ୨୫, ୨୦୨୧
ସ୍ଥାନ: କୋଲକାତା

## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଛତିଆ,୨୪।୧(ଡି.ଏନ.ଏ.):** ଶୌଚ ହେବାକୁ ଯାଇଥିବାବେଳେ କେନାଲରେ ବୁଡ଼ିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେହେଲେ ବୈରୀ ଥାନା ଅଧୀନ ବୈରୀ ତଳସାହି ଗ୍ରାମର ଜଗବନ୍ଧୁ ମହାନ୍ତିଙ୍କ ସ୍ତ୍ରୀ ଉର୍ମିଳା(୬୫)। ଶୁକ୍ରବାର ଭୋର୍ ସମୟରେ ଉର୍ମିଳା ଘର ନିକଟ ହାଇଲେବୁଲ୍ କେନାଲକୁ ଶୌଚହେବାକୁ ଯାଇଥିଲେ। ହେଲେ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ରବିବାର ସକାଳେ ବୃଦ୍ଧାଙ୍କ ମୃତଦେହ ହାଇଲେବୁଲ୍ କେନାଲର ସାଇ ମନ୍ଦିର ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ସହ ପୋଲିସକୁ ଖବର ଦେଇଥିଲେ। ବୈରୀ ଥାନା ଏସ୍‌ଆଇ ବିଶ୍ୱଜିତ୍ ବିଶ୍ୱାଳ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିଖୋଜର ୩ ଦିନ ପରେ ନାବାଳକ ଉଦ୍ଧାର

**ରସୁଲପୁର,୨୪।୧(ଡି.ଏନ.ଏ.):** କୁଆଖିଆ ଥାନା କଲଣ ପଞ୍ଚାୟତରୁ ନିଖୋଜ ହୋଇଥିବା ଜଣେ ୧୨ ବର୍ଷର ନାବାଳକଙ୍କୁ ୩ଦିନପରେ ଜାରକା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ନାବାଳକ ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଏହି ସମୟରେ ନାବାକଳ ଜଣକ ଧର୍ମଶାଳା ଥାନା ଅଧୀନ ଜାରକା ଅଞ୍ଚଳର ତାଙ୍କ ସମ୍ପର୍କୀୟଙ୍କ ଘରେ ଥିବା ପୋଲିସକୁ ଖବର ମିଳିଥିଲା। ଫଳରେ ରବିବାର ପୋଲିସ ସେଠାରେ ଚଢ଼ାଉ କରି ନାବାଳକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ନାବାଳକ କେଉଁ ପରିସ୍ଥିତିରେ ଘରୁ ଯାଇଥିଲା ସେ ସମ୍ପର୍କରେ ପୋଲିସ ପଚରା ଉଚୁରା କରିବା ପରେ ତାକୁ ତାଙ୍କ ପରିବାର ଲୋକଙ୍କ ଜିମା ଦେଇଛି। ସୂଚନାଯୋଗ୍ୟ, ୨୧ ତାରିଖରେ କାହାକୁ ନ ଜଣାଇ ସମ୍ପୃକ୍ତ ନାବାଳକ କେଉଁଆଡେ ପଳାଇ ଯାଇଥିଲା। ମା'ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଶନିବାର ଥାନାରେ ଅଭିଯୋଗ କରିଥିଲେ।

### ଘନକୁହୁଡ଼ି: ଗଛରେ ପିଟି ହେଲା ବୋଲେରୋ



**ନାଉଗାଁ,୨୪।୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ମାରେଡା ପୋଲ ନିକଟସ୍ଥ ମଣିକର୍ଣ୍ଣିକା ଘାଟ ନିକଟରେ ରବିବାର ସକାଳେ ଏକ ବୋଲେରୋ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଘନକୁହୁଡିରେ ରାସ୍ତା ଦେଖା ନ ଯିବା ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଇଛି। ବୋଲେରୋରେ ପାରାଦୀପରୁ ୪ ଯାତ୍ରୀ ପୁରୀ ଯାଉଥିଲେ। ଘନକୁହୁଡି ଯୋଗୁ ରାସ୍ତା ଦେଖି ନ ପାରି ଚାଳକ ପୋଲ ନିକଟରେ ଥିବା ଏକ ନିମ୍ବ ଗଛରେ ଗାଡ଼ିକୁ ପିଟି ଦେଇଥିଲେ। ଗଛ ଯୋଗୁ ଗାଡ଼ିଟି ନଦୀକୁ ନ ଖସି ଅଟକି ଯାଇଥିଲା। ନାଉଗାଁ ପୋଲିସ ପହଞ୍ଚି ତଦନ୍ତ କରିଛି।

### 'ଓସା'ର ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୨୪।୧:** ଓଡ଼ିଶା ସୂଚନା ଆଇନ ଅଧିକାର ଅଭିଯାନ (ଓସା) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଫେବୃୟାରୀ ୧ରେ ସୂଚନା ଅଧିକାର ଆଇନର ପୂର୍ବତନ ଜିଲା ଆବାହକ ରଞ୍ଜନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସହରର ପ୍ରେସ କ୍ଲବଠାରେ ଆୟୋଜିତ ବୈଠକରେ ଓସାର କର୍ମକର୍ତ୍ତା ନଗେନ୍ଦ୍ର ଜେନା, ଦେବଦତ୍ତ ଚୌଧୁରୀ, ସମ୍ପଦ ସ୍ୱାଇଁ, ମନୋଜ ନାୟକ, ଆଲୋକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ଜିଲା ସଂଯୋଜକ ପ୍ରତାପ ମହାନ୍ତି ପରିଚାଳନା କରିଥିଲେ।

# ଲୋପ ପାଇଲାଣି ଶ୍ରମଜୀବୀଙ୍କ ଟନିକ୍

**ହାଇବ୍ରିଡ୍ ବିହନ, ରାସାୟନିକ ସାର ଏବଂ କୀଟନାଶକର ବହୁଳ ବ୍ୟବହାର ଯୋଗୁ ପାରମ୍ପରିକ ତଥା ଜୈବିକ ଚାଷ ପ୍ରାୟ ଲୋପ ପାଇଗଲାଣି। କୃଷି ଉପରେ ପୁଞ୍ଜିପତିଙ୍କ ଲୋଲୁପ ଦୃଷ୍ଟି ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଫଳରେ ଗତ ପ୍ରାୟ ୨ ଦଶନ୍ଧି ମଧ୍ୟରେ ଚାଷୀମାନେ ପାରମ୍ପରିକ ମଞ୍ଜି ଓ ବିହନ ଉପରୁ ନିଜର ନିର୍ଭରଶୀଳତା ହରାଇସାରିଲେଣି। ଗୋଟିଏ ପଟେ ବଜାରରେ ହାଇବ୍ରିଡ୍ ବିହନ ଓ ଶସ୍ୟ କାୟା ମେଲାଇଥିବାବେଳେ କମ୍ ଖର୍ଚ୍ଚ ଓ ସ୍ୱଳ୍ପ ସମୟରେ ଅଧିକ ଅମଳ ଲୋଭର ଷଡ଼ଯନ୍ତ୍ରରେ ପଡ଼ି ଚାଷୀ ଦେଶୀ ତଥା ଜୈବିକ ଚାଷଠାରୁ ବହୁ ଦୂରକୁ ଚାଲିଗଲେଣି। ଏହାର ପ୍ରଭାବରେ ଆଜି ଅନ୍ୟ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି ଅନ୍ନଦାତା। ଜନସାଧାରଣ ମଧ ସ୍ୱାସ୍ଥ୍ୟପ୍ରଦ ତଥା ଉଚ୍ଚମାନର ଖାଦ୍ୟଶସ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ମାଣ୍ଡିଆ। ଉତ୍ତମ ସ୍ୱାସ୍ଥ୍ୟ ତଥା ଶିଶୁର ମାନସିକ ଓ ଶାରୀରିକ ବିକାଶରେ ଦିନେ ଟନିକ୍ ଭାବେ ସହାୟକ ହେଉଥିବା ମାଣ୍ଡିଆ ଚାଷକୁ ଚାଷୀ ଭୁଲି ଯାଇଛନ୍ତି।**

**ଯାଜପୁର ଅଫିସ/ ବଡ଼ଚଣା,୨୪।୧(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକର ସମିଆଁ, ଶାଳପଡ଼ା, ପାରିଆ, ଦର୍ପଣ, ସିହା, କାଇମାଟିଆ ପ୍ରଭୃତି ପାହାଡ଼ିଆ ଅଣଜଳସେଚିତ ଅଞ୍ଚଳ ଭାବେ ପରିଚିତ। ବର୍ଷା ଦିନରେ ମୁଖ୍ୟ ଫସଲ ଭାବେ ମାଣ୍ଡିଆ, ମକା, ବାଜରା ଚାଷ କରି ଆସୁଥିଲେ। ଏହିକ୍ରମରେ ପ୍ରାୟ ୭/୮ ବର୍ଷ ପୂର୍ବେ ଜିଲାର ୪୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିଲା। ଏଠାରୁ କଟକ ବାଣିଜ୍ୟ କେନ୍ଦ୍ରକୁ ବହୁ ପରିମାଣରେ ମାଣ୍ଡିଆ ରପ୍ତାନି ହେଉଥିଲା। ହେଲେ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ମାଣ୍ଡିଆ ଚାଷ କ୍ରମଶଃ ଲୋପ ପାଇବାରେ ଲାଗିଛି।

ମଣିଷର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ଦିଗରେ ମାଣ୍ଡିଆ ସହାୟକ ହୋଇଥାଏ। ଗ୍ୟାଷ୍ଟ୍ରିକ, ମଧୁମେହ ସହ ଯାବତୀୟ ପେଟରୋଗ ଏବଂ ଅନ୍ଧାରକଣା ରୋଗରୁ ମୁକ୍ତି ପାଇଁ ଲୋକେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଗ୍ରାମାଞ୍ଚଳ ଲୋକ ବିଶେଷକରି ଶ୍ରମଜୀବୀଙ୍କ ପ୍ରମୁଖ ଖାଦ୍ୟ ଥିଲା ଏହି ଶସ୍ୟ। ଚାଷୀମାନେ ଏହାକୁ ବର୍ଷସାରା ସୁରକ୍ଷିତ ରଖି ଅଭାବ



ସମୟରେ ବ୍ୟବହାର କରି ଆସୁଥିଲେ। ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ସମିଆଁ ଗ୍ରାମର ଚାଷୀ ଜଗବନ୍ଧୁ ବିଶ୍ୱାଳ ଓ ଶାଳପଡ଼ାର ଚୌଧୁରୀ ଲମାଈ କୁହନ୍ତି, ପୂର୍ବରୁ ମାଣ୍ଡିଆ ଚାଷର ବହୁତ ଚାହିଦା ଥିଲା। ଏବେ ହାଇବ୍ରିଡ୍ ବିହନ, ରାସାୟନିକ ସାର ଓ କୀଟନାଶକ ଉପରେ ଚାଷୀ ନିର୍ଭରଶୀଳ। ଏପରିକି ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ମଞ୍ଜିକୁ ନେଇ ଚାଷ କରାଯାଉଛି। ଏହାସାଙ୍ଗକୁ ବାହାରୁ ବଜାରକୁ ହାଇବ୍ରିଡ୍ ମାଣ୍ଡିଆ ଆସୁଥିବାରୁ ଆଉ ଦେଶୀ ମାଣ୍ଡିଆର ଚାହିଦା ରହୁନାହିଁ। ତେଣୁ ଏହାର ଚାଷ ପାଇଁ ଚାଷୀଙ୍କ ଆଗ୍ରହ କମିଯାଉଛି ବୋଲି ସେମାନେ କହିଛନ୍ତି।

ଅଧିକରୁ ଅଧିକ ରାସାୟନିକ ସାରର ବ୍ୟବହାର ଫଳରେ ପର୍ଯ୍ୟାୟକ୍ରମେ ଜମିର ଉର୍ବରତା ନଷ୍ଟ ହେଉଛି। ଫଳରେ ଗୋଟିଏ ଜମିରେ ବିଭିନ୍ନ ଫସଲ ଉପୁଜିବା ସ୍ୱପ୍ନ ସଦୃଶ ହେଉଛି। ଏହିକ୍ରମରେ ଅଧିକାଂଶ ଚାଷୀ କେବଳ ଧାନ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଦେଶୀ ମାଣ୍ଡିଆ ଫସଲ ହୋଇପାରୁ ନ ଥିବାବେଳେ ବଜାରରେ ଏହି ଶସ୍ୟର ସ୍ଥାନ ନେଇଛି ହାଇବ୍ରିଡ୍ ମାଣ୍ଡିଆ। ପୂର୍ବରୁ ଜୈବିକ ଉପାୟରେ ପ୍ରସ୍ତୁତ ମାଣ୍ଡିଆ ମଣିଷର ସାମଗ୍ରିକ ବିକାଶରେ ପୂର୍ଣ୍ଣ ସହାୟକ ହେଉଥିଲା। ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ମାଣ୍ଡିଆଜାଉ କରି ଲୋକମାନେ ଖାଉଥିଲେ। ଏହି ଖାଦ୍ୟରେ ମଣିଷକୁ କାର୍ବୋହାଇଡ୍ରେଟ୍ସ ମିଳିବା ସହ ପ୍ରଚୁର ପରିମାଣର ଖଣିଜ ଲବଣ, ଭିଟାମିନ ତଥା ବିଭିନ୍ନ ପ୍ରକାର ଏନ୍‌ଜାଇମ ଓ ଆଣ୍ଟିଅକ୍ସିଡେଣ୍ଟ ମିଳିଥାଏ। ଆଗକାଳରେ ଗର୍ଭବତୀ ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହି ଖାଦ୍ୟ ବେଶ୍ ଉପଯୋଗୀ ହୋଇ ପାରୁଥିଲା। ଶିଶୁର ମାନସିକ ଓ ଶାରୀରିକ ବିକାଶ ପାଇଁ ମଧ ଏହି ଖାଦ୍ୟ ଅତୀତରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ଏବେ ସେଭଳି ପାରମ୍ପରିକ ମାଣ୍ଡିଆ ଖୋଜିଲେ ମିଳୁନାହିଁ। ଏହା ବଦଳରେ ବର୍ତ୍ତମାନ ଆଧୁନିକ ପ୍ରଣାଳୀରେ ପ୍ରସ୍ତୁତ ଚାଉଳ ବ୍ୟବହାର କରିବା ଫଳରେ ମଣିଷ କେବଳ କାର୍ବୋହାଇଡ୍ରେଟ୍ସ ଖାଦ୍ୟ ପାଉଛି ବୋଲି ପରିବେଶବିତ୍‌ମାନେ କହୁଛନ୍ତି। ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ଚକ୍ରାନ୍ତ ଚଳାଇଛନ୍ତି ବୋଲି ମଧ ଅଭିଯୋଗ ହେଉଛି।

ଜିଲା କୃଷି ଅଧିକାରୀ ବିମଳକାନ୍ତି ରପ୍ତାନଙ୍କୁ ପଚାରିବାରୁ ସେ କହିଛନ୍ତି, ଆଧୁନିକତାର ପ୍ରଭାବରେ ମାଣ୍ଡିଆ ଚାଷ ଓ ଏହାକୁ ଖାଦ୍ୟ ଭାବେ ବ୍ୟବହାର କରିବାରେ ଆନ୍ତରିକତା ହ୍ରାସ ପାଇବାରେ ଲାଗିଛି। ସାରା ରାଜ୍ୟରେ ମାଣ୍ଡିଆ ଚାଷକୁ ଆଉ ଆଗଭଳି ଗୁରୁତ୍ୱ ଦିଆଯାଉନାହିଁ। ଚାହିଦା କମି ଯିବାରୁ ବିହନ ବିକ୍ରୟ କେନ୍ଦ୍ରରେ ପ୍ରାୟ ମାଣ୍ଡିଆ ମିଳୁନାହିଁ।

## 'ଝିଅ-ପୁଅ ମଧ୍ୟରେ ଭେଦଭାବ ଦୂର ହେଉ'

**ଜଗତ୍‌ସିଂହପୁର ଅଫିସ, ୨୪।୧:** ସ୍ଥାନୀୟ କଣ୍ଟାବଲଲଭପୁର ଗ୍ରାମରେ ରାଧାକୃଷ୍ଣ କ୍ଲବ ପ୍ରାୟୋଜିତ ଚାଇଲ୍ଡଲାଇନ୍ ଓ ସଖୀ ପ୍ରକଳ୍ପ ଆନୁକୁଲ୍ୟରେ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ ଅଧିକାଂଶ ଲୋକ ଝିଅଟିଏ ଜନ୍ମ ଦେବାକୁ ନ ଚାହିଁବା ଦୁଃଖର କଥା। ଝିଅଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କଲେ ସେମାନେ ପୁଅଙ୍କଠାରୁ ଅଧିକ କାର୍ଯ୍ୟ ଦକ୍ଷତା ହାସଲ କରିପାରିବେ। ଏହି ଅବସରରେ କନ୍ୟା ଭ୍ରୂଣ ହତ୍ୟା, ମହିଳା ଓ ଝିଅଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଗୁରୁତ୍ୱାରୋପ ହୋଇଥିଲା। ଝିଅ-ପୁଅ ମଧ୍ୟରେ ଭେଦଭାବ ଦୂର ହେଉ ବୋଲି ଅତିଥି କହିଥିଲେ। ପୂର୍ଣ୍ଣଚନ୍ଦ୍ର ମଲ୍ଲଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ସଭ୍ୟ ଉତ୍କଳ ରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଶିଶୁ ମଙ୍ଗଳ କମିଟି ସଭ୍ୟା ଜ୍ୟୋତିର୍ମୟୀ ମହାନ୍ତି ଓ ଅତିଥିଭାବେ ଶାରଦା ପ୍ରସାଦ ଦାସ ଯୋଗ ଦେଇଥିଲେ। ମେନକା ସିଂ ଧନ୍ୟବାଦ ଦେଇଥିଲେ।

# ରଦି ଲୁହାରେ ସୌନ୍ଦର୍ଯ୍ୟକରଣ





କୁସୁମା ନିକଟରେ ଆଇ ଲଭ୍ ଯାଜପୁର (ସେଲ୍‌ଫି ଜୋନ୍) ଓ ସହର ପ୍ରବେଶ ପଥରେ ହରିଣ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହୋଇଛି।

**ଯାଜପୁର ଟାଉନ,୨୪।୧(ଡି.ଏନ.ଏ.)**

ଯାଜପୁର ସହରରେ ଥିବା କୁସୁମା ନିକଟରେ ରଦି ଲୁହାରେ ନିର୍ମିତ ଆଇ ଲଭ୍ ଯାଜପୁର(ସେଲ୍‌ଫି ଜୋନ୍) ଓ ସହରର ପ୍ରବେଶପଥରେ ହରିଣ ପ୍ରତିମୂର୍ତ୍ତି ରବିବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ରବିବାର ଏହାର ଉଦ୍‌ଘାଟନ କରିଛନ୍ତି। ରାସ୍ତା କଡ଼ର ପରିବେଶକୁ ସୌନ୍ଦର୍ଯ୍ୟକରଣ ପାଇଁ ଏହା ନିର୍ମାଣ କରାଯାଇଛି। ଏଥିସହିତ ଜଜ୍ କଲୋନୀ ସମ୍ମୁଖରେ ନବନିର୍ମିତ ପାର୍କକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। ଯାଜପୁର ପୌର ପରିଷଦ ଅଧିକାରୀ ଅଜୟ କୁମାର ମହାନ୍ତି, ଓଏସ୍‌ଡି ସୁଦର୍ଶନ ମିଶ୍ର, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଓ ପୂର୍ବତନ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶାନ୍ତି କମିଟିର ସାଧାରଣ ସଭା

**ନୟାଗଡ଼ ଅଫିସ,୨୪।୧:** ଜିଲା ଶାନ୍ତି କମିଟିର ନବମ ବାର୍ଷିକ ସାଧାରଣ ସଭା ସମବାୟ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ସମବାୟ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ଶାନ୍ତି କମିଟିର ସ୍ୱର୍ଗତ ଭରତ ପାତ୍ର, ଗୋପୀନାଥ ଜେନା, ବଳଭଦ୍ର ପ୍ରଧାନ ଓ ଉମ୍ବରୁଧର ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ବୈକୁଣ୍ଠ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ପୂର୍ବତନ ସଭାପତି ଗଙ୍ଗାଧର ପଣ୍ଡା, ଏଆସିଏସ ଭାସ୍କର ପାଣିଗ୍ରାହୀ, ନୟାଗଡ ଏନ୍‌ଏସିର ପୂର୍ବତନ ନଗରପାଳ ଗୁରୁ ପ୍ରସାଦ ଜେନା, ବାହାଡାଝୋଲା ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ସୁଦାମ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ମଧୁସୂଦନ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପଠନ କରି ୧୯୯୩ରୁ କିପରି ଅନୁଷ୍ଠାନ କାମ କରି ଆସୁଛି ସେ ନେଇ ଟିପ୍ପଣୀ ରଖିଥିଲେ।

## ଭତ୍ତା ଅପେକ୍ଷାରେ ୮୬ ବର୍ଷର ବୃଦ୍ଧା

**ବାଲିଚନ୍ଦ୍ରପୁର,୨୪।୧(ସ୍ୱ.ପ୍ର.)**



କୁଳୀ ଦେବୀ

୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ସୁବିଧା ତୃଣମୂଳସ୍ତରରେ ପହଞ୍ଚିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର କେତେଜଣ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ମୁନାଫାଖୋର ମନୋଭାବ ଯୋଗୁ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମରେ ଦେଖିବାକୁ ମିଳୁଛି। ଗ୍ରାମର କୁଳୀ ଦେବୀଙ୍କୁ (୮୬) ବର୍ଷ ହେଲାଣି। ସଳଖ ହୋଇ ଛିଡା ହୋଇପାରୁନାହାନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ କୁଳୀ ଜଳଖିଆ ଦୋକାନ କରିଥିବା ପୁଅ ଉପରେ ନିର୍ଭର କରିଥାନ୍ତି। ତେବେ କରୋନା ପାଇଁ ଜଳଖିଆ ଦୋକାନ ବନ୍ଦ ହୋଇଯିବାରୁ କୁଳୀଙ୍କ ପୁଅ ଘର ଚଳାଇ ପାରୁନାହାନ୍ତି। ତେଣୁ ଭତ୍ତା ଖଣ୍ଡେ କରାଇ ଦେବା ପାଇଁ କୁଳୀ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦୌଡୁଛନ୍ତି। ମାତ୍ର ତାଙ୍କୁ ଭତ୍ତା ମିଳି ପାରୁନାହିଁ। ଫଳରେ ସେ ନିରାଶ ହୋଇ ଯାଇଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ଅଭିଯୋଗର ବିଚାର କରି ଭତ୍ତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ଏନେଇ ବାଲିଚନ୍ଦ୍ରପୁର ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା କହିଛନ୍ତି, ଅନ୍‌ଲାଇନରେ ଆବେଦନ କରି ତାର କପି ଆଣି ପଞ୍ଚାୟତ କାର୍ଯ୍ୟାଳୟରେ ଦେଲେ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଏବେ ଅନ୍‌ଲାଇନରେ ଆବେଦନ କରିବାକୁ କୁହାଯାଉଛି ଆଗରୁ କାହିଁକି ଏପରି କରାଗଲା ନାହିଁ। ଆଗକୁ ଦେଖିବାକୁ ଅପେକ୍ଷା କେବେ କୁଳୀଙ୍କୁ ବ୍ଲକ ପ୍ରଶାସନ ଭତ୍ତା ଯୋଗାଇ ଦେଉଛି।

# ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ଝିଅ

**ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ**

**ଯାଜପୁର ଟାଉନ,୨୪।୧(ଡି.ଏନ.ଏ.)**

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରବିବାର ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଝିଅମାନେ ପୁଅ ଅପେକ୍ଷା ସବୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ସମ୍ମାନିତ ଅତିଥି ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ଯୋଗଦେଇ ନାରୀ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ



ଅତିଥି ଦୁଇ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଥିଲେ, ଜିଲାରେ ଏକ ହଜାର ପୁଅରେ ୯୩୫ କନ୍ୟା ସନ୍ତାନ ଅଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବିଶ୍ୱବନ୍ଦିତା କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ପରେ ଜିଲାରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ମୀନାକ୍ଷୀ ପଣ୍ଡା ଓ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି ସୁକିନ୍ଦା ଅଞ୍ଚଳର ଲକ୍ଷ୍ମୀ ମୁଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର କ୍ଷଣପ୍ରଭା ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମାବେଶ ନାୟକ, ସୋମ୍ୟପ୍ରକାଶ ଦାସ ଓ ରାକେଶ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ରାଜନଗର, ୨୪।୧(ଡି.ଏନ.ଏ.):** ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁର କାଦମ୍ବିନୀ ମଣ୍ଡଳଙ୍କ ରବିବାର ସକାଳେ ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଖବରକାଗଜ ବିତରକ ହେଉଛନ୍ତି ରତନ ହେଉଛନ୍ତି ତାଙ୍କ ନାତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପ୍ରାଣା ଓ ସ୍ନେହୀ ମହିଳା ଥିଲେ। ତାଙ୍କର ୩ ପୁଅ ସୁଧାଂଶୁ, ସୀତାଂଶୁ , କେଶବଙ୍କ ସମେତ ପରିବାର ସଦସ୍ୟ ଓ ବନ୍ଧୁ ବାନ୍ଧବ ମୃତ୍ୟୁ ଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ।

## ଏବିଭିପି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ରାଜନଗର, ୨୪।୧(ଡି.ଏନ.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରାଜନଗର ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର ଦିଆଯାଇଛି। ନଗର ସମ୍ପାଦକ ଦିପ୍ତୀ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇକୋରିଟ୍ରିଟ ସ୍ଥଳରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜନଗର ସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଇଓସିଏଲର ସିଏସ୍‌ଆର ପାଣ୍ଠିରୁ ମହାବିଦ୍ୟାଳୟ ପାଚେରି ନିର୍ମାଣ, ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଓ ଶିକ୍ଷାର ବିକାଶ ପାଇଁ ଛାତ୍ରାବାସ ଓ ଛାତ୍ରୀବାସ ନିର୍ମାଣ, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ଦୁଇଟି ନୂତନ ବିଲ୍ଡିଂ ନିର୍ମାଣ, ନୂତନ ଲାଇବ୍ରେରି ନିର୍ମାଣସହ ପୁସ୍ତକ ପାଇଁ ଅର୍ଥ ମଞ୍ଜୁର, ସ୍କିଲ ଇଣ୍ଡିଆ ପ୍ରୋଜେକ୍ଟରେ ରୋଜଗାରର ସୁବ୍ୟବସ୍ଥା ଆଦି ଦାବି ପୂରଣ ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ପ୍ରତିନିଧି ଦଳରେ ଜିଲା ପ୍ରମୁଖ ତ୍ରୈଲୋଚନ ଦାସ, ଜିଲା ସଂଯୋଜକ ଜ୍ୟୋତି ଭୂଷଣ ମିଶ୍ର, ଭବାନୀ ଶଙ୍କର ଦାସ, ନୟନାନନ୍ଦ ବେହୁରା ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ।

# ବିଜେଡି କର୍ମୀ ସମାବେଶ

**ଡେରାବିଶ ୨୪।୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ନୂଆହାଟଠାରେ ରବିବାର ବିଜେଡିର ବ୍ଲକସ୍ତରୀୟ କର୍ମୀ ସମାବେଶ ହୋଇଛି। ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସଭାପତିତ୍ୱ କରି ଅତୀତରେ ରାଜ୍ୟର ଏକ ନମ୍ବର ମାନ୍ୟତା ପାଇଥିବା ଡେରାବିଶ ପଞ୍ଚାୟତ ସମିତିକୁ ପୁନର୍ବାର ସମୃଦ୍ଧ କରିବାକୁ କହିଥିଲେ। ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ସମ୍ପାଦକ ଅମୀୟ ମିଶ୍ର, କୋଷାଧ୍ୟକ୍ଷ ଶୈଳେନ୍ଦ୍ର ମହାନ୍ତି, ଗରଦପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାବେଶରେ ସନ୍ତୋଷ କୁମାର ମାହାଳି, ପ୍ରହଲ୍ଲାଦ ସାହୁ, ଅମ୍ବିକା ପ୍ରସାଦ ରଥ, ଅଜୟ କୁମାର ବଳ, ଗୀତାଞ୍ଜଳି ଦାସ, ସମିତିସଭ୍ୟ ମଧୁସୂଦନ ଘଡ଼େଇ, ପୂର୍ବତନ ସମିତିସଭ୍ୟ ଗୌତମ ପରିଡା, ପର୍ଶୁରାମ ମଲ୍ଲ, କୃଷ୍ଣଚନ୍ଦ୍ର ବଳ, ସାହାଜାନ ଖାଁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସରୋଜକାନ୍ତ ପଣ୍ଡା, ହରେକୃଷ୍ଣ ରାଉତ, ନଟବର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



ସମାବେଶରେ ଯୋଗ ଦେଇଥିବା ବିଜେଡି କର୍ମୀ।

# ବିପର୍ଯ୍ୟସ୍ତ ହୋଇଥିବା ରାସ୍ତା ବାଦ୍

**ନାଉଗାଁ,୨୪।୧(ସ୍ୱ.ପ୍ର.)**

**ଅମ୍ଫାନ ପ୍ରକଳ୍ପ ଚୟନ ତାଲିକାରେ ଚଞ୍ଚକତା**



ପାଇକସାହିରୁ ବାଲିଗାଁକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି।

- ତାଲିକାରେ ୧୦୬ ପ୍ରକଳ୍ପ ସ୍ଥାନ ପାଇଛି
- ୧ କୋଟି ୬୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି
- ୩ ଗାଁ ଲୋକେ ଅସୁବିଧା ଭୋଗୁଛନ୍ତି

ଅମ୍ଫାନ ବାତ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକୁ ମରାମତି ପାଇଁ ନିର୍ଦ୍ଦେଶ ଆସିଥିଲା। ସେହି ଅନୁସାରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅମ୍ଫାନରେ ବିପର୍ଯ୍ୟସ୍ତ ହୋଇଥିବା ରାସ୍ତା ଚିହ୍ନଟ କରାଯାଇ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟକୁ ତାଲିକା ପଠାଯାଇଥିଲା। ମାତ୍ର ମରାମତି ପାଇଁ ଦିଆଯାଇଥିବା ତାଲିକାରେ ଅନିୟମିତତା ହୋଇଛି। ତାଲିକାରେ ବାତ୍ୟା ବିପର୍ଯ୍ୟସ୍ତ ରାସ୍ତାକୁ ବାଦ ଦିଆଯାଇଥିବା ବେଳେ ରାସ୍ତା ନ ଥିବା ସ୍ଥାନକୁ ଦର୍ଶାଯାଇଛି। ସେହିପରି ଅମ୍ଫାନରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ମରାମତି ପାଇଁ ନିର୍ଦ୍ଦେଶ ଥିବାବେଳେ ଅନେକ ତାଲିକାରେ ସ୍ଥାନ ପାଇନାହିଁ। ବ୍ଲକ କାର୍ଯ୍ୟାଳୟ ସୂଚନା ଅନୁସାରେ, ବିଭିନ୍ନ ପଞ୍ଚାୟତର ୧୦୬ ପ୍ରକଳ୍ପ ତାଲିକାରେ ସ୍ଥାନ ପାଇଛି। ସେଥିରୁ ୧୧ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଥିବାବେଳେ ୯୫ ରାସ୍ତା ରହିଛି। ଏସବୁ ପ୍ରକଳ୍ପର ମରାମତି ପାଇଁ ୧ କୋଟି ୬୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ବାତ୍ୟାରେ କ୍ଷତିଗ୍ରସ୍ତ ବହୁ ପ୍ରକଳ୍ପ ସ୍ଥାନ ପାଇ ନାହିଁ।

ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ଗଙ୍ଗଦାହାଟ-ତିରୁଣା ଗ୍ରାମରାସ୍ତା ଓ ଡେରିକି ପଞ୍ଚାୟତର ପାଇକସାହିରୁ ମଝିପଡା ଦେଇ ବାଲିଗାଁକୁ ସଂଯୋଗ କରୁଥିବା ଗ୍ରାମ ରାସ୍ତା ଅମ୍ଫାନ ବାତ୍ୟାରେ ଶୋଚନୀୟ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ଅମ୍ଫାନ ଯୋଜନାରେ ସାମିଲ କରାଯାଇ ମରାମତି କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପ୍ରକଳ୍ପ ମଞ୍ଜୁରୀ ତାଲିକାରେ ଏହି ରାସ୍ତା ନ ଥିବା ଜଣାପଡିଛି। ଅପରପକ୍ଷେ ଅମ୍ଫାନରେ ମରାମତି ପାଇଁ ମଞ୍ଜୁରୀ ହୋଇଥିବା ବହୁ ରାସ୍ତା ପୂର୍ବରୁ ନ ଥିବା ଜଣାପଡ଼ିଛି। ମାତ୍ର ଏଠାରେ ପୂର୍ବରୁ ରାସ୍ତାଥିବା ଦର୍ଶାଯାଇ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଉଲ୍ଲେଖ କରାଯାଇଛି। ଏହାର ଉଦାହରଣ ଡେରିକି ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ପାଇକସାହି କଂକ୍ରିଟ ରୋଡଠାରୁ ତ୍ରିଲୋଚନ ପାଳଙ୍କ ଘର ପର୍ଯ୍ୟନ୍ତ ସରକାରୀ ରାସ୍ତା ନ ଥିବା ବେଳେ ଏହାକୁ ତାଲିକାରେ ଉଲ୍ଲେଖ କରାଯାଇଛି। କେବଳ ଏହି ପ୍ରକଳ୍ପ ନୁହେଁ ବ୍ଲକର ୧୬ଟି ପଞ୍ଚାୟତରେ ପ୍ରଦାନ କରାଯାଇଥିବା ତାଲିକାରେ ତାଳ ମେଳ ରହୁ ନଥିବା ଜଣାପଡ଼ିଛି। ଏହି ତାଲିକା ପ୍ରସ୍ତୁତ ପାଇଁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଅନିୟମିତତା ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ କୈଳାସ ବେହେରାଙ୍କୁ ପଚରାଯିବାରୁ ପ୍ରକଳ୍ପଗୁଡିକ ଠିକ୍ ରହିଛି। ଏଥିରେ କୌଣସି ତ୍ରୁଟି ନାହିଁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ତୁରନ୍ତ ଏହି ତାଲିକାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ଭୋଟରଙ୍କ ସମସ୍ୟା ସହ ଯୋଡ଼ି ହୁଅ

**ନୟାଗଡ଼ ଅଫିସ,୨୪।୧:** ନୟାଗଡ଼ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଜିଲା ସଭାପତି ରଣଜିତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରଭାରୀ ନିଶିକାନ୍ତ ମିଶ୍ର, ମହିଳା କଂଗ୍ରେସ ନେତ୍ରୀ ନିରୂପମା ପାତ୍ର, ହୁସେନ ଖାନ, ସତ୍ୟବାନ ନାୟକ, ନକୁଳ ନାୟକ, ବିଜୟ ଦାସ, ପ୍ରତୀକ ମହାପାତ୍ର, ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ କର୍ମୀଙ୍କୁ ଭୋଟରଙ୍କ ପାଖକୁ ଯାଅ ବୋଲି କହିଥିଲେ। ସେମାନଙ୍କ ଦୁଃଖ ସୁଖରେ ସାଥୀ ହୁଅ। କୃଷି ଆଇନ ରଦ୍ଦ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ପେଟ୍ରୋଲ, ଡିଜେଲ, ଗ୍ୟାସର ଦର ବୃଦ୍ଧି ବିରୋଧରେ ଭୋଟର ଅତିଷ୍ଠ ହୋଇ ସାରିଲେଣି। ଆଗକୁ ଭୋଟର କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିବାର ସୁଯୋଗ ଆସୁଛି। ଏଣୁ କର୍ମୀ, ସମର୍ଥକ ଓ ନେତାମାନେ ମତାନ୍ତର ଭୁଲି ଏକଜୁଟ୍ ହୋଇ କଂଗ୍ରେସର ସଙ୍ଗଠନକୁ ସୁଦୃଢ଼ କରି ଲୋକଙ୍କ ସହ ମିଶି ଆନ୍ଦୋଳନ କରି ଦାବି ହାସଲ କରିବାକୁ କୁହାଯାଇଥିଲା। ଶରତ ମିଶ୍ର ଧନ୍ୟବାଦ ଦେଇଥିଲେ।

### 'ମିଠା କଳଙ୍କର ରାତି' କବିତା ପୁସ୍ତକ ଉନ୍ମୋଚିତ

**ଧର୍ମଶାଳା,୨୪।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ କବି ବିମଳ ପତିଙ୍କ ଚତୁର୍ଥ କବିତା ପୁସ୍ତକ 'ମିଠା କଳଙ୍କର ରାତି' ରବିବାର ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ କବି ତଥା ପ୍ରାଧାପକ ଡ. ଗୌତମ ଜେନା ଅଧକ୍ଷତା କରିଥିଲେ। କବି ମଧୁସୁଦନ ଦାଶ ଉତ୍ସବକୁ ଉଦ୍‌ଘାଟନ କରି ପୁସ୍ତକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ କନକ ଟିଭି ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମିଶ୍ର ଯୋଗଦେଇ ସାହିତ୍ୟ ଧର୍ମଶାଳାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅତିଥି ଭାବେ କବି ଶଙ୍କର ପରିଡ଼ା ଓ ଗାଳ୍ପିକା ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ଯୋଗ ଦେଇଥିଲେ। ସାହିତ୍ୟ ଦର୍ପଣ ସଭାପତି ତ୍ରିଲୋଚନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ।

### କଲ୍ୟାଣ ମଣ୍ଡପ କାମ ଆରମ୍ଭ ନ ହେଲେ ଅନଶନ

**ଡେରାବିଶ,୨୪।୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦୧୬ରେ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟ ଆରମ୍ଭର କିଛିଦିନ ପରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ନବ ନିର୍ବାଚିତ ସରପଞ୍ଚ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହା ଭିତରେ ୪ ବର୍ଷ ବିତି ଯାଇଥିଲେ ମଧ କଲ୍ୟାଣମଣ୍ଡପ କାର୍ଯ୍ୟ ହୋଇନାହିଁ। ଏନେଇ ଜିଲା ଚାଷୀ ଶ୍ରମିକ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲା। ମଣ୍ଡପ ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୫ ଭିତରେ ହେବ ବୋଲି ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହା ଭିତରେ ମାସେରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ପଦକ୍ଷେପ ନିଆଯାଇନାହିଁ। ତେଣୁ ସଂଘ ଆସନ୍ତା ୩ରେ ଏନେଇ ଅନଶନ କରିବ ବୋଲି ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

# ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମିଳୁନି ସହଯୋଗ

**ଥାନା, କୋର୍ଟର ଭୟ ବାଧକ ସାଜୁଛି**

**ମୋଟର ଯାନ ଆଇନ ଲାଗୁ ପରେ ବି ଆସିନି ପରିବର୍ତ୍ତନ**

**ନୟାଗଡ ଅଫିସ,୨୪।୧**

ଆଖି ଆଗରେ ଘଟୁଛି ଦୁର୍ଘଟଣା। ହେଲେ ଥାନା ଓ କୋର୍ଟର ଭୟ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଲୋକେ ଆଗ୍ରହ ଥିଲେ ବି ସହଯୋଗ କରୁନାହାନ୍ତି। ସରକାର ସଂଶୋଧିତ ମୋଟର ଯାନ ଆଇନ ୨୦୧୯ ଲାଗୁ କରିଥିଲେ ହେଁ ଗୁଡ୍ ସମରିଟାନ ପଲିସି ବାଟବଣା ହୋଇରହିଛି। ଏଣୁ ବେଳେବେଳେ ଆହତ ବ୍ୟକ୍ତି ବି ପ୍ରାଣ ହରାଉଛନ୍ତି। ଏଥିପାଇଁ ଅଧିକ ସଚେତନତାର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ନୂଆ ମୋଟର ଆଇନ ଲାଗୁ ହୋଇଥିଲେ ହେଁ ଏହାର କଟକଣାକୁ ଅନେକ ଚାଳକ ମାନୁନାହାନ୍ତି। ଗାଁଠାରୁ ଆରମ୍ଭ କରି ସହର ସବୁ ଜାଗାରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି। ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା, ବାଇକ୍‌ରେ ୩ଜଣ ଯିବା, କାର ସିଟ୍ ବେଲଟ୍ ନ ପିନ୍ଧି ଚାଳକ ଗାଡ଼ି ଚଳାଉଛନ୍ତି। ଏଥିରେ ଲଗାମ ନ ଲାଗିଲେ ପୂର୍ବପରି ସଡ଼କ ଦୁର୍ଘଟଣାକୁ ଆମନ୍ତ୍ରଣ କରିବ ବୋଲି କୁହାଯାଉଛି।

ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସହଯୋଗ କରିବାକୁ ଦୃଷ୍ଟିରେ ରଖି ୨୦୧୪ରେ ଦେଶରେ ଗୁଡ୍ ସମରିଟାନ ପଲିସି ଲାଗୁ କରାଯାଇଛି। ଏହା ୨୦୧୮ ଫେବୃୟାରୀରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଗୁଡ୍ ସମରିଟାନ ପଲିସି ଅନୁଯାୟୀ, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଲେ ସହଯୋଗକାରୀଙ୍କୁ ୨ ହଜାର ଟଙ୍କା ସହ ପୁରସ୍କୃତ କରାଯିବ। ଭଡ଼ାଗାଡ଼ିରେ ଯଦି ଆହତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବେ ତାହା ହେଲେ ଭଡ଼ା ମଧ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ଗୁଡ୍ ସମରିଟାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରମାଣପତ୍ର ଆଣି ଆରଟିଓ କାର୍ଯ୍ୟାଳୟରେ ଦାଖଲ କରିବେ। ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ, କଚେରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏ ନେଇ ସଚେତନତା ଓ ପ୍ରଚାର ଅଭାବରୁ ଲୋକେ ଆଗଭର ହେଉ ନ ଥିବା ଦେଖିବାକୁ ମିଳିଛି। ଏହାର ନଜିର ନୟାଗଡ଼ ଜିଲାରେ ୨୦୨୦ରେ ମାତ୍ର ୫ଜଣ ଗୁଡ୍ ସମରିଟାନ ପୁରସ୍କୃତ ହୋଇଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣାର ପରବର୍ତ୍ତୀ ୧ଘଣ୍ଟା ସମୟ ଆହତ ବ୍ୟକ୍ତିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଯଦି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପାରନ୍ତି ତାହା ହେଲେ ତାଙ୍କ ଜୀବନ ବଞ୍ଚି ଯାଇପାରେ। ଏଣୁ ଗୁଡ୍ ସମରିଟାନ ପଲିସି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ଜିଲାରେ ଦିନକୁଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ସାଙ୍ଗକୁ ମୃତକ ଓ ଗୁରୁତରଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ଜିଲାରେ ୨୦୧୮ରେ ୧୧୯, ୨୦୧୯ରେ ୧୦୦ ଓ ୨୦୨୦ରେ ୮୬ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ୨୦୨୦ ଡିସେମ୍ବରରେ ଅନୁଷ୍ଠିତ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଜିଲାପାଳ ପୋମା ଟୁଡୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ସୁକିନ୍ଦାରେ ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ




ଗ୍ରାମ୍ୟ ନ୍ୟାୟାଳୟକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଉଦ୍‌ଘାଟନ କରୁଛନ୍ତି।

**ସୁକିନ୍ଦା,୨୪।୧(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦାରେ ରବିବାର ଏକ ଗ୍ରାମ୍ୟ ନ୍ୟାୟାଳୟକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ସୁକିନ୍ଦା ଓକିଲମାନଙ୍କୁ ନିଃସ୍ୱାର୍ଥପର ଭାବେ ଲୋକଙ୍କୁ ନ୍ୟାୟ ଦେବାରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ଓ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଜୟରାମ ଶତପଥୀ ଯୋଗଦେଇଥିଲେ। ସୁକିନ୍ଦା ଓକିଲ ସଂଘର ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଭାପତି ବିବେକାନନ୍ଦ ବୋଷ, ସମ୍ପାଦକ ମାନିନୀ ରଞ୍ଜନ ପଟ୍ଟନାୟକ, ଉପସଭାପତି ସୁଧାଂଶୁଶେଖର କର, ସହସମ୍ପାଦକ ପ୍ରହଲ୍ଲାଦ ମଲ୍ଲିକ, କୋଷାଧକ୍ଷ ପ୍ରଶାନ୍ତ କୁମାର ବଳିୟାରସିଂ ପ୍ରମୁଖ ସହଯୋଗ କରିଥିଲେ। ଦୀର୍ଘଦିନର ଦାବି ପରେ ସୁକିନ୍ଦାରେ ଗ୍ରାମ୍ୟ ନ୍ୟାୟାଳୟ ଖୋଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

# ବାଜିରେ ଲାଗୁଛି ପକ୍ଷୀଙ୍କ ଜୀବନ

**ଜୀବେ ନିଷ୍ଠୁରତା ନିବାରଣ ଆଇନ ଉଲ୍ଲଂଘନ**

**ମହାକାଳପଡା, ୨୪।୧(ଡି.ଏନ.ଏ.)**

ପକ୍ଷୀପଶୁଙ୍କୁ ନିର୍ଯାତନା ଦେବା, ବଳପୂର୍ବକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି ଲଢେଇ କରିବା ଏହା ଧର୍ତ୍ତବ୍ୟ ଅପରାଧ। ଜୀବେ ନିଷ୍ଠୁରତା ନିବାରଣ ଆଇନ ୧୯୬୦କୁ କାର୍ଯ୍ୟକାରୀ କରାଯାଇଛି। ଏହାସତ୍ତ୍ୱେ ପକ୍ଷୀପଶୁଙ୍କୁ ନେଇ ବିଭିନ୍ନ ସ୍ଥାନରେ ପର୍ବପର୍ବାଣି, ଉତ୍ସବ ହେଉଥିବା ଜାଗାରେ ପାରମ୍ପରିକ ବଳପୂର୍ବକ ଲଢେଇରେ ନିୟୋଜିତ କରାଯାଉଛି। ଏହି ଲଢେଇରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଭାରତୀୟ ଦଣ୍ଡବିଧି ଆଇନ ଅନୁସାରେ ବର୍ଷେ ଜେଲଦଣ୍ଡ ଭୋଗିବାର ବ୍ୟବସ୍ଥା ରହିଛି। ଅଦ୍ୟାବଧି ବହୁ ବ୍ୟକ୍ତି ଏହି ବେଆଇନ ଲଢେଇରେ ଅର୍ଥ ବାଜି ଲଗାଉଛନ୍ତି। ଯାହାକି ଜୁଆ ଖେଳରେ ଅନ୍ତର୍ଭୁକ୍ତ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ଉପକୂଳ ବଙ୍ଗ ଭାଷାଭାଷି ଅଞ୍ଚଳରେ ପ୍ରଥାମାଷ୍ଟମୀଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ବିଭିନ୍ନ ସପ୍ତାହର



କୁକୁଡ଼ା ଲଢ଼େଇକୁ ଲୋକେ ଦେଖୁଛନ୍ତି।

ରବିବାର କୁକୁଡା ଲଢେଇ ଆୟୋଜନ କରାଯାଇଥାଏ। ଏହା ମୁଖ୍ୟତଃ ନିକାଞ୍ଚନ ସ୍ଥାନରେ ହେଉଛି। ଏହି ଲଢେଇରେ ଦୁଇଟି ଅଣ୍ଡିରା କୁକୁଡା(ଗଞ୍ଜା)ଙ୍କ ଗୋଡରେ ୩ ଇଞ୍ଚିଆ ଧାରୁଆ ଅସ୍ତ୍ର ବା ଛୁରିକୁ ବାନ୍ଧି ଦିଆଯାଇଥାଏ। ପରେ ଦୁଇ ଲଢୁଆ ଗଞ୍ଜାକୁ ଲଢେଇ ଖଳାରେ ଛାଡି ଦିଆଯାଇଥାଏ। ଏହି ସମୟରେ ବୁଦ୍ଧିମାନ ଗଞ୍ଜା ସାଥୀକୁ ଛୁରି ବିଦ୍ଧ କରି ଖଳାରେ ଧରାଶାୟୀ କରିଥାଏ। ବିଜୟ ହୋଇଥିବା ମାଲିକ ପରାସ୍ତ ଗଞ୍ଜାକୁ ନେଇଥାନ୍ତି। ଏହି ବିଜୟକୁ ଫାଡୁ କୁହାଯାଏ। ଏହି ବେଆଇନ ପକ୍ଷୀ ଲଢ଼େଇ ବ୍ଲକର ଜମ୍ବୁ, ବଉଳକଣୀ, ବାରନମ୍ବର, ବାଘୁଆମେଦ, ଲୁଣି ମାଠିଆ, ସୁନିତି ସର୍ଦ୍ଦାର ଫିଲ୍ଡ ,ପାଣିଖିଆ ଆଦି ଅଞ୍ଚଳରେ ଲଢେଇ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ଦେଖିବାକୁ ଓ ଲଢେଇରେ ଟଙ୍କା ବାଜି ଲଗାଇବାକୁ ଜିଲା ବାହାରୁ ଲୋକ ଆସୁଥିବା ଦେଖିବାକୁ ମିଳୁଛି। ଏହାକୁ ବନ୍ଦ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଜାତୀୟ କନ୍ୟା ଦିବସ

**କେନ୍ଦ୍ରାପଡ଼ା ଅଫିସ, ୨୪।୧:** କେନ୍ଦ୍ରାପଡ଼ା ବ୍ଲକ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ କନ୍ୟା ଦିବସ ରବିବାର ପାଳିତ ହୋଇଯାଇଛି। ଜିଲା ଶିଶୁ ମଙ୍ଗଳ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ଅମ୍ରିତ ରତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମଙ୍ଗଳ କମିଟି ଅଧକ୍ଷ ଭଗବତୀ ପ୍ରସାଦ ଦାଶ, ସଦସ୍ୟ ସ୍ମିତାଞ୍ଜଳି ମହାପାତ୍ର, ମିଶନ ଶକ୍ତି ପରିଚାଳକ କୈଳାସ ଚନ୍ଦ୍ର ସେନାପତି, ଡିଏସ୍‌ଡବ୍ଲୁଓ ଚିନ୍ମୟୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କନ୍ୟା ସନ୍ତାନର ସୁରକ୍ଷା ପାଇଁ ୨୦୦୮ରୁ ଏହି ଦିବସ ପାଳନ ହେଉଛି। ଶୋଷିତ, ନିର୍ଯାତିତ ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ସମାଜରେ ଜନ ସଚେତନ କରାଯାଉଛି। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମକୁ ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ।

# ମୃତ ଷଣ୍ଢକୁ ପୋତିବାକୁ ଦେଲାନି ସାଥୀ



ଜେସିବିକୁ ଓଲଟାଇବାକୁ ଉଦ୍ୟମ କରୁଛି ଷଣ୍ଢ।

**ଜଗତ୍‌ସିଂହପୁର ଅଫିସ, ୨୪।୧**

ବାସୁଆ ଷଣ୍ଢ ମୃତ୍ୟୁରେ ସାଥୀ ଷଣ୍ଢର ନିଆରା ପ୍ରେମ ଦେଖିବାକୁ ମିଳିଛି। ମୃତ ସାଥୀକୁ ପୋତିବାରେ ଷଣ୍ଢଟି ବାଧା ଦେଇଥିଲା। ଏହି ଘଟଣା ହେଉଛି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର। ଗଡେଶ୍ୱରପୁର ଓ ପାଳଧୁଆବନ୍ଧ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବଡ଼ ଗାତ ହୋଇଥିଲା। ଗଡେଶ୍ୱରପୁର ଗାଁରେ ବୁଲୁଥିବା ବାସୁଆ ଅଜାଣତରେ ସେହି ଗାତରେ ପଡ଼ି ଗୁରୁତର ହୋଇଥିଲା। ଗଡେଶ୍ୱରପୁର ମନ୍ଦିର ଟ୍ରଷ୍ଟର ଯୁବଗୋଷ୍ଠୀ ତାକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ। ମାତ୍ର ଗୁରୁବାର ତା'ର ମୃତ୍ୟୁ ଘଟିଥିଲା। ମନ୍ଦିର ଟ୍ରଷ୍ଟର ସଭ୍ୟମାନେ ମୃତ ଷଣ୍ଢକୁ ପୋତିଦେବା ପାଇଁ ଜେସିବି ଡାକିଥିଲେ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ହୋଇଥିବା ଗାତ ନିକଟରେ ଏଥିପାଇଁ ଗାତ ଖୋଳା ଯାଉଥିଲା। ଏହି ସମୟରେ ଅନ୍ୟ ଏକ କଳା ଷଣ୍ଢ ସେଠାକୁ ମାଡ଼ି ଆସି ଗାତ ଖୋଳିବାରେ ବାଧା ସୃଷ୍ଟି କରିଥିଲା। ପାର୍ଶ୍ୱରେ ଥିବା ମାଟି ଗଦାକୁ ଶିଙ୍ଗରେ ତାଡ଼ିବା ସହ ଜେସିବିକୁ ଓଲଟାଇ ଦେବାକୁ ଉଦ୍ୟମ କରିଥିଲା। ଷଣ୍ଢର ହାବଭାବରୁ ଜଣାପଡୁଥିଲାଯେ,ମୃତ ସାଥୀକୁ ଛାଡ଼ିବା ପାଇଁ ସେ ନାରାଜ। ଏ ସମ୍ପର୍କରେ ଟ୍ରଷ୍ଟର କେତେଜଣ ସଭ୍ୟ କହିଛନ୍ତି, ବାସ୍ତବରେ ମଣିଷ ଭିତରେ ଭଲ ପାଇବା କମି ଯାଉଥିବା ବେଳେ ପ୍ରାଣୀଙ୍କ ଭିତରେ ତାହା ଜୀବନ୍ତ ରହିଛି। ମଣିଷ ଏହି ପ୍ରାଣୀମାନଙ୍କଠାରୁ କିଛି ଶିଖିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

# ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

**ଖଣ୍ଡପଡ଼ାରେ କ୍ରିୟାନୁଷ୍ଠାନ କମିଟିର ବୈଠକ**

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର)**

ଦଶପଲ୍ଲା ନିର୍ବାଚନମଣ୍ଡଳୀସ୍ଥିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟିଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଦାବି କରିଛନ୍ତି। ଖଣ୍ଡପଡା ସହରର ମା' ଉମାଦେବୀଙ୍କ ପୀଠ ପରିସରରେ ରବିବାର ବୃତଙ୍ଗ ଜଳସେଚନ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟିର ବୈଠକ ସଭାପତି ମନୋଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ବେଣୁଧର ନାୟକ, ଉପସଭାନେତ୍ରୀ ବିନୋଦିନୀ ମହାନ୍ତି, ସହସମ୍ପାଦକ ଲକ୍ଷ୍ମୀଧର ରାଉତରାୟ,



ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି ନେଇ ଆଲୋଚନା କରାଯାଉଛି।

ଯୁବ କଂଗ୍ରେସ ସଙ୍ଗଠକ ମିର ଅବଦୁଲ ସିଦିକ, ଉମାରାଣୀ ପାଣି, କବିତା ସ୍ୱାଇଁଙ୍କ ସମେତ ନୟାଗଡ ଜିଲା ୮ ବ୍ଲକରୁ କର୍ମକର୍ତ୍ତା ଯୋଗଦେଇଥିଲେ। ସେମାନେ ବୃତଙ୍ଗ ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ଦାବି ଉପସ୍ଥାପନ କରିଥିଲେ। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଅନେକ ଚାଷଜମି ଜଳସେଚିତ ହୋଇପାରିବ ବୋଲି କମିଟି ସଦସ୍ୟ ମତ ଦେଇଥିଲେ। ନୟାଗଡ ଜିଲାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫ ଲକ୍ଷ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ନୟାଗଡ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏପରିକି ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ।

### କୁଆଖିଆ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ରସୁଲପୁର,୨୪।୧(ଡି.ଏନ.ଏ.):** କୁଆଖିଆ ଥାନା ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଥାନା କର୍ମଚାରୀ ପ୍ଲାକାର୍ଡ ଧରି କୁଆଖିଆ ବଜାରର ଗୋଲେଇ ଛକ, ମଧୁବନ ଓ ହରିପୁର ରୋଡ୍ ଆଦି ଅଞ୍ଚଳ ବୁଲି ଜନସାଧାରଣ, ବ୍ୟବସାୟୀ ଏବଂ ଯାତ୍ରୀଙ୍କୁ ସଚେତନ କରାଇଥିଲେ। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ କୁଆଖିଆ ବଜାରର ଗୋଲେଇ ଛକ ନିକଟରେ ଚାରିଚକିଆ ଓ ବାଇକ ଚାଳକଙ୍କୁ ଅଟକାଇ ସଡ଼କ ସୁରକ୍ଷା ସମ୍ପର୍କରେ ଲିଫଲେଟ୍ ପ୍ରଦାନ କରିଥିଲେ। ଏହି ସମୟରେ ନିୟମ ପାଳନକରି ଗାଡି ଚଳାଉଥିବା ଆରୋହୀଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ଯେଉଁମାନେ ନିୟମ ଖିଲାପ କରି ଗାଡି ଚାଳନା କରୁଥିଲେ ସେମାନଙ୍କୁ ସଚେତନତା ରୂପକ ସତର୍କ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନେଇ କଂଗ୍ରେସର ପ୍ରତିବାଦ**

**ନୟାଗଡ଼ ଅଫିସ,୨୪।୧**



କୁଶପୁତ୍ତଳିକା ଦାହ ପାଇଁ ଯାଉଥିବା କଂଗ୍ରେସ କର୍ମୀ।

କେନ୍ଦ୍ର ସରକାର ୬୨ ପ୍ରତିଶତ ଅତିରିକ୍ତ ଟ୍ୟାକ୍ସ ଆଦାୟ କରୁଥିବାରୁ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବଢ଼ି ଚାଲିଛି। ଦରବୃଦ୍ଧି ସାଧାରଣ ଖାଉଟିଙ୍କୁ ଅଣନିଃଶ୍ୱାସୀ କରିଥିବାରୁ ଏହାର ପ୍ରତିବାଦରେ ନୟାଗଡ ଜିଲା ଯୁବ କଂଗ୍ରେସ ପକ୍ଷରୁ ଟ୍ରାଫିକ ଛକରେ ବିକ୍ଷୋଭ କରାଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ବିଜେଡିର ନୀରବତାକୁ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ପ୍ରଶ୍ନ ଉଠାଇଛନ୍ତି। ୟୁପିଏ ସରକାର ସମୟରେ ସାମାନ୍ୟ ତୈଳ ଦର ବୃଦ୍ଧି ହେଲେ ବିଜେଡି ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଥିଲା। ସବୁ ପ୍ରସଙ୍ଗରେ କେନ୍ଦ୍ରର ଦୋଷ ବୋଲି ଅଭିଯୋଗ କରୁଥିଲା। ଏବେ ତୈଳ ଦରରେ ଲଗାମ ନ ଥିବାବେଳେ ବିଜେଡିର ନୀରବତା ଭାଜପାର ଭିତିରିଆ ସମ୍ପର୍କକୁ ପଦାରେ ପକାଇ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ଫକୀର ଚରଣ ମଲ୍ଲ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ଛାତ୍ର କଂଗ୍ରେସ ଉପସଭାପତି ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲଗ୍, ପଟା ଜବତ

- ବନବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢ଼ାଉ
- ୬ଜଣଙ୍କ ନାମରେ ମାମଲା ରୁଜୁ

**ଖଣ୍ଡପଡା,୨୪।୧(ସ୍ୱ.ପ୍ର)**

ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରବିବାର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ସ୍ଥାନୀୟ ବଡ଼ବାଣପୁର ଓ ଖଳିସାହି ପଞ୍ଚାୟତର ପୁଆଣିଆଁ ଗାଁରେ ଚଢାଉ କରିଥିଲେ। ଚଢାଉ ସମୟରେ ବାଣପୁର ଗାଁର ମାୟା ପ୍ରଧାନ, ଦୋଳିଆ ଦାସ, ମୁନା ମନ୍ତ୍ରୀଙ୍କ ସମେତ ପୁଆଣିଆଁ ଗାଁର ନବ ମହାପାତ୍ରଙ୍କ ସମେତ ଅନ୍ୟ ଦୁଇଜଣଙ୍କ ଘରୁ ବିପୁଳ ପରିମାଣର ଶାଗୁଆନ ଲଗ୍, ସାଇଜ କାଠ ଓ ପଟା ଜବତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ସଂରକ୍ଷିତ ଜଙ୍ଗଲରୁ



ଜଣେ ବ୍ୟକ୍ତିଙ୍କ ବାରିପଟେ ଥିବା କାଠଗଣ୍ଡିକୁ ବନ ବିଭାଗ ଜବତ କରୁଛି।

ମୂଲ୍ୟବାନ ଗଛଗୁଡ଼ିକୁ କାଟି ଚୋରାରେ ଫର୍ଣ୍ଣିଚର ଓ କାଠ କାମ କରୁଥିବା ନେଇ ବନବିଭାଗ ନିକଟରେ ବହୁ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ସେମାନଙ୍କ ଘର ଓ ବାରି ପଛ ପାଖରୁ କାଠ ଜବତ ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବନବିଭାଗ ପକ୍ଷରୁ ଜଣାପଡିଛି। ଜବତ କାଠମଧରେ ଲଗ ୮୪ ଓ ପଟା ୧୧୦ ରହିଛି। ଏସବୁକୁ ସିଂଘାପଡ଼ା ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନଖଣ୍ଡ ଅଧିକାରୀ ଧନରାଜ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ୬ଜଣଙ୍କ ନାମରେ ନଂ. ୬୨,୬୩,୬୪,୬୫, ୬୬,୬୭/୨୧ରେ ମାମଲା ରୁଜୁ ହୋଇଥିବା ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ସୂତ୍ରରୁ ପ୍ରକାଶ।

# ହାଜର ପୂର୍ବରୁ ଗ୍ରାମବାସୀ ଏକତ୍ରିତ

**କୁଜଙ୍ଗ,୨୪।୧(ଡି.ଏନ୍.ଏ.)**

ଏରସମା ବ୍ଲକ ଢିଙ୍କିଆ ଗ୍ରାମଦେଇ ଭାରତୀୟ ତୈଳ ନିଗମ ପକ୍ଷରୁ ବିଛାଯାଉଥିବା ପାରାଦୀପ-ହାଇଦ୍ରାବାଦ ପାଇପ୍ ଲାଇନ କାର୍ଯ୍ୟକୁ ଗ୍ରାମବାସୀ ଦୀର୍ଘଦିନ ହେବ ବିରୋଧ କରିଆସୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୮ରେ ଜିଲାପାଳ ଗ୍ରାମର ଦେବେନ୍ଦ୍ର ସ୍ୱାଇଁଙ୍କୁ ଏସବୁ ଅଭିଯୋଗର ଯଥାର୍ଥତା ଦର୍ଶାଇବାକୁ ନୋଟିସ ଜାରି କରିଛନ୍ତି। ଏନେଇ ରବିବାର ମା' ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଏକତ୍ରିତ ହୋଇ ଆଲୋଚନା କରିଛନ୍ତି। ଏଥିସହ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ସେଥିରେ ଦର୍ଶାଯାଇଛି, ଭାରତ ସରକାରଙ୍କ ପେଟ୍ରୋଲିୟମ ଏଣ୍ଡ ମିନେରାଲ ପାଇପ୍‌ସ (ପିଏଣ୍ଡଏମପି) ଧାରା ୧୯୬୨ ଅର୍ଥାତ୍ ୨୦୧୩ ଭୂ-ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ନୀତିକୁ ଏହି ପାଇପ୍ ବିଛା କାର୍ଯ୍ୟ



ମା' ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଏକତ୍ରିତ ହୋଇଛନ୍ତି।

ସମୟରେ ଉଲ୍ଲଂଘନ କରାଯାଇଛି। ଏହି ଧାରା ଅନୁଯାୟୀ, ସାଧାରଣ ଜନତାଙ୍କୁ ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ୩୧ ଧାରାରେ ନୋଟିସ ଜାରି କରାଯିବ। ଏହାର ୨୧ ଦିନ ମଧ୍ୟରେ ଜନସାଧାରଣଙ୍କଠାରୁ ମତାମତ ନିଆଯିବ। ମାତ୍ର ଏପରି କରାଯାଇ ନାହିଁ। ତେଣୁ ଆସନ୍ତା ୨୮ରେ ଜିଲାପାଳ ସାମ୍ବିଧାନିକ ପ୍ରକ୍ରିୟାକୁ ପାଳନ କରିବା ପାଇଁ ବିଜ୍ଞପ୍ତି ଜରିଆରେ ଅନୁରୋଧ କରାଯାଇଛି। ଏପରି ନ ହେଲେ ପାଇପ୍ ଲାଇନ୍ କାର୍ଯ୍ୟକୁ ବିରୋଧ କରାଯିବ ବୋଲି ଗ୍ରାମର ନିର୍ଭୟ ସାମନ୍ତରାୟ ଓ ଅକ୍ଷୟ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

ପାଇପ୍‌ଲାଇନ୍ ବିଛା କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଜିଲାପାଳ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ସ୍ୱାଇଁ ଓ ଅକ୍ଷୟ ଦାସ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିଶନ ନଂ.ଡବ୍ଲ୍ୟୁପି(ସି)/୩୨୧୫୪/୨୦୨୦ ଦାଖଲ କରିଥିଲେ। ଜାନୁୟାରୀ ୧୨ରେ ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣି କରି ମାର୍ଚ୍ଚ ୮ ସୁଦ୍ଧା ଆଇନ ଅନୁଯାୟୀ ଏହି ମାମଲା ସମାଧାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ପାଇପ୍ ଲାଇନ୍ ବିଛା କାର୍ଯ୍ୟକୁ ବିରୋଧ ପ୍ରସଙ୍ଗ**

- ଜାନୁୟାରୀ ୨୮ରେ ହାଜର ପାଇଁ ଜିଲାପାଳ ନୋଟିସ ଜାରି କରିଛନ୍ତି

